# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23th March - 2024

### News Editor : *Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ମିଳିତଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଶାନ୍ତିପୂର୍ଣ୍ଣଭାବେ ବିବାଦର ସମାଧାନ କ୍ଷେତ୍ରରେ ନ୍ୟାୟିକ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ, କହିଲେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ
- ଶକ୍ତି ସଞ୍ଚୟ କରିବା ପାଇଁ ଆଜି ରାତି ସାଢେ ୮ଟାରୁ ଏକ ଘଣ୍ଟା ପାଇଁ ପାଳନ କରାଯିବ ଆର୍ଥ ଆୱାର

ଏବଂ

- ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱରେ ପାଳନ କରାଯାଉଛି ପାଣିପାଗ ଦିବସ ।

*HS*

## ରାଷ୍ଟ୍ରପତି- ଯକ୍ଷ୍ମାମୁକ୍ତ ଭାରତ

ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ କରିଛନ୍ତି । ଆସନ୍ତାକାଲି ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ପାଳନ କରାଯାଉଥିବା ନେଇ ରାଷ୍ଟ୍ରପତି ଏହା କହିଛନ୍ତି । ଯକ୍ଷ୍ମାରୋଗର ବିଶ୍ୱରେ ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରାଇବା, ଏହି ରୋଗକୁ ନିୟନ୍ତ୍ରଣ କରିବାରେ ଆହ୍ୱାନ ସୃଷ୍ଟି କରିବା ଏବଂ ଏହାର ମୁକାବିଲା ପାଇଁ ପ୍ରୟାସକୁ ଉତ୍ସାହିତ କରିବା ଏହାର ଲକ୍ଷ୍ୟ ବୋଲି ସେ କହିଛନ୍ତି ।

*GNR*

## ଜିଲ୍ଲାସ୍ତର ଅଦାଲତ- ସୁପ୍ରିମକୋର୍ଟ

ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଜିଲ୍ଲାସ୍ତରର ନ୍ୟାୟପାଳିକା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାସ୍ତରର ଅଦାଲତଗୁଡ଼ିକ ସାଧାରଣ ଲୋକଙ୍କ ନ୍ୟାୟିକ ବ୍ୟବସ୍ଥାର ପ୍ରକୃତ ପ୍ରତିନିଧି ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି । ଅଗରତାଲା ଠାରେ ତ୍ରିପୁରା ଜୁଡିସିଆଲ ଏକାଡେମୀର ଦଶମ ନ୍ୟାୟିକ ସମାବେଶରେ ଉଦ୍‌ବୋଧନ ଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଉଚ୍ଚ ନ୍ୟାୟାଳୟକୁ ଆସିବାକୁ ସାଧାରଣ ଲୋକ ସକ୍ଷମ ନୁହଁନ୍ତି । ସେହିଭଳି ଅଳ୍ପସଂଖ୍ୟକ ଲୋକ ଦିଲ୍ଲୀସ୍ଥିତ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥାଆନ୍ତି । ନ୍ୟାୟିକ

ବ୍ୟବସ୍ଥା କେବଳ ଶାନ୍ତିପୂର୍ଣ୍ଣ ଭାବେ ବିବାଦର ସମାଧାନ ପ୍ରଦାନ କରିବା ସହ ସମାଜରେ ସାମାଜିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥାଏ।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଅପରାଧିକ ମାମଲାଗୁଡ଼ିକରେ କେବଳ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ପ୍ରତି ସମାନ ଭାବେ ଗୁରୁତ୍ୱ ଦେବା ଉଚିତ । ପୀଡ଼ିତାଙ୍କ ଅଧିକାର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

***Boudh***

## ବୌଦ୍ଧ ନିର୍ବାଚନମଣ୍ଡଳୀ

ବୌଦ୍ଧ ଜିଲ୍ଲାରେ କନ୍ଧମାଳ ଲୋକସଭା ଆସନ ସହ ବୌଦ୍ଧ, କଣ୍ଟାମାଳ ବିଧାନସଭା ପାଇଁ ଆସନ୍ତା ମେ’ ୨୦ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୪୧୧ ଜଣ ପ୍ରିଜାଇଡିଂ ଅଫିସର ୨ ହଜାର ୫୫ ଜଣ ପୁଲିଂ ଅଫିସର ଓ ଅଣଷଠୀ ସେକ୍ଟର ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବୌଦ୍ଧ ଜିଲ୍ଲା ପ୍ରତିନିଧି ସମ୍ପଦ କୁମାର ଅଗ୍ରୱାଲ ଅଧିକ ସୂଚନା ଦେଇ କ’ଣ କହୁଛନ୍ତି ଆସନ୍ତୁ ଶୁଣିବା...

**- V/O -**

ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଜେ.ସୋନାଲ କହିଛନ୍ତି,

**- V/O –**

*N.PUR*

## ନବରଙ୍ଗପୁର ଜିଲ୍ଲାର ନିର୍ବାଚନ ସମୀକ୍ଷା ବୈଠକ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ନିର୍ବାଚନ ସମ୍ପର୍କୀତ ଆବଶ୍ୟକୀୟ ବ୍ୟବସ୍ଥା ଗୁଡିକର ସମୀକ୍ଷା କରିଛନ୍ତି । ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ନିର୍ବାଚନ ପ୍ରସ୍ତୁତି ବୈଠକରେ ଯୋଗଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଅଧିକରୁ ଅଧିକ ଯୁବ ଏବଂ ନୂଆ ଭୋଟର ଯେପରି ମତଦାନ ପ୍ରକ୍ରିୟାରେ ଭାଗ ନେଇପାରିବେ ସେଥିପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବ । ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାର ବିଭିନ୍ନ ବୁଥ ବୁଲିବା ସହିତ ଭୋଟର ଓ ପ୍ରାର୍ଥୀମାନଙ୍କ ସୁରକ୍ଷା, ଭୋଟିଂ ମେସିନ ରଖାଯାଉଥିବା ଷ୍ଟ୍ରଙ୍ଗରୁମ, ପୋଷ୍ଟାଲ ବାଲାର୍ଟ ସମ୍ପର୍କରେ ଜିଲ୍ଲା ପ୍ରଶାସନ ନେଇଥିବା ପଦକ୍ଷେପ ଉପରେ ବିସ୍ତୁତଭାବେ ଆଲୋଚନା କରିଥିଲେ ।

*Desk*

## ଆର୍ଥ ଆୱାର ଡେ

ଶକ୍ତି ସଂଚୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ନିମନ୍ତେ ଆଜି ସାରା ବିଶ୍ୱରେ ରାତି ସାଢ଼େ୮ଟାରୁ ସାଢ଼େ୯ଟା ମଧ୍ୟରେ ଆର୍ଥ୍ ଆୱାର୍ ପାଳନ କରାଯିବ । ୱାର୍ଲଡ ୱାଇଡ୍ ଫଣ୍ଡ୍ ଫର ନେଚର୍ ସଂସ୍ଥା ପକ୍ଷରୁ ୨୦୦୭ ମସିହାରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ବର୍ତ୍ତମାନ ୧୮୮ରୁ ଅଧିକ ଦେଶ **ଆର୍ଥ ଆୱାର୍ ଡେ** ରେ ସାମିଲ ହୋଇଛନ୍ତି । ୧ ଘଣ୍ଟା ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରି ଶକ୍ତି ସଂଚୟ କରିବା ଏହି ଅଭିନବ ଉପାୟକୁ

ଆର୍ଥ ଆୱାର ଡେ କୁହାଯାଏ । ସୂଚନା ଅନୁସାରେ ଗତବର୍ଷ ୧୮୮ରୁ ଅଧିକ ଦେଶର ୧୯୦ ନିୟୁତରୁ ଅଧିକ ଲୋକ ଆର୍ଥ ଆୱାର ଡେ' ପାଳନ କରିଥିଲେ । ଆର୍ଥ ଆୱାର ଡେ ଅବସରରେ ଘର, ଦୋକାନ, କାର୍ଯ୍ୟାଳୟରେ ଆଜି ଏକଘଣ୍ଟା ପାଇଁ ବିଦ୍ୟୁତ୍ ବ୍ୟବହାର ବନ୍ଦ କରିବା ପାଇଁ ସଂସ୍ଥା ତରଫରୁ ନିବେଦନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥ ଆୱାର ପାଳନ କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ବିଦ୍ୟୁତ ସଂରକ୍ଷଣ ତଥା ଏକ ସ୍ଥାୟୀ ପୃଥିବୀ ପାଇଁ ବିଶ୍ୱ ତାପାୟନ ହ୍ରାସ କରିବା ପାଇଁ ଏକ ସଂଗଠିତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

***Rayagada/Malkangiri***

## ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଏକ ସମୀକ୍ଷା ବୈଠକ କରିଛନ୍ତି। ପୋଷ୍ଟାଲ ବ୍ୟାଲଟ, ନିର୍ବାଚନୀ ଖର୍ଚ୍ଚ ପରିଚାଳନା ଆଦି ବିଷୟରେ ଶ୍ରୀ କର, ଜିଲ୍ଲାପାଳ, ଏସ୍.ପି. ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଜିଲ୍ଲାପାଳ, ଦକ୍ଷିଣାଞ୍ଚଳ ଡି.ଆଇ.ଜି. ଓ ଏସ୍.ପି.ଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ।

ଅନ୍ୟପକ୍ଷରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ତିରୁମାଲା ନାୟକ ରାୟଗଡ଼ା ଜିଲ୍ଲା ଗସ୍ତ କରି ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହିତ ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ନିର୍ବାଚନ ସମୟରେ ପୁଲିସର କର୍ତ୍ତବ୍ୟ ଏବଂ ପ୍ରାର୍ଥୀ ଏବଂ ଭୋଟରମାନଙ୍କର ସୁରକ୍ଷା ସହିତ ଅନ୍ୟ କେତେକ ପ୍ରସଙ୍ଗ ଗୁଡ଼ିକ ଉପରେ ବୈଠକରେ ଆଲୋଚନା ହୋଇଥିଲା।

***Desk***

## ରିଜର୍ଭ ବ୍ୟାଙ୍କ-ଛୁଟି

ଚଳିତ ଆର୍ଥିକ ବର୍ଷର ଶେଷ ଦୁଇ ଦିନ ୩୦ ଓ ୩୧ ତାରିଖ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଗୁଡିକ ଖୋଲା ରହିବ । ଏହି ଦୁଇଦିନ ଶନିବାର ଏବଂ ରବିବାର ଥିଲେ ମଧ୍ୟ ସରକାରୀ ଦେୟ ଓ ପୈଠକୁ ସୁବିଧାଜନକ କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସେହିପରି ଚଳିତମାସର ଶେଷ ଦିନ ଦେଶର ସମସ୍ତ ବ୍ୟାଙ୍କ ଖୋଲା ରହିବ ବୋଲି ପୂର୍ବରୁ ରିଜର୍ଭ ବ୍ୟାଙ୍କ କହିଛି ।

***Desk***

## ଝାଡ଼ାବାନ୍ତି

ସମ୍ବଲପୁର ଜିଲ୍ଲା ହୀରାକୁଦ ଅଞ୍ଚଳରେ ବ୍ୟାପିଥିବା ଝାଡ଼ାବାନ୍ତ ରୋଗରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଉତ୍ତରାଞ୍ଚଳ ରାଜସ୍ୱ

କମିଶନର ଶ୍ରୀକାନ୍ତ ପୃଷ୍ଟି ଓ ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ହୀରାକୁଦ ହସ୍ପିଟାଲରେ ସମୀକ୍ଷା କରିଛନ୍ତି । ଆକ୍ରାନ୍ତମାନେ ଚିହ୍ନଟ ହୋଇଥିବା ଅଞ୍ଚଳ ବୁଲି ଦେଖିବା ସହ ସେମାନେ ସମ୍ପର୍କୀୟଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି । ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ଓ ସରଞ୍ଜାମ ମହଜୁଦ ରଖିବା ପାଇଁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ସମୀକ୍ଷା ପରେ ସେମିତି ବିଶେଷ କିଛି ଅସୁବିଧା ନ ଥିବା ଆର୍.ଡି.ସି. କହିଛନ୍ତି । ଆଗକୁ ଯେତେବେଳ ପାନୀୟ ଜଳଯୋଗାଣ ଆରମ୍ଭ ହେବ, ପୁଣି ଆଉଥରେ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଭୟଭୀତ ନ ହେବାକୁ ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ଯୋଗୁଁ ୧୨୭ ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗୁରୁତରଙ୍କୁ ବୁର୍ଲା ବଡ଼ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି ।

*HS*

## ଜାତୀୟ ଆଲୋଚନାଚକ୍ର

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍ଯାପିତ

ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ଗବେଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେଶର ଅର୍ଥନୀତି କିପରି ବିକଶିତ କରାଯାଇପାରିବ, ସେ ନେଇ ଅଧିକ ଗବେଷଣା କରିବାକୁ ଏହି ଆଲୋଚନାଚକ୍ରରେ ଗୁରୁତ୍ୱାରୋପ କରାଯାଇଥିଲା।

***Nuapada***

## ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ବାଳାଶ୍ରମ ପରିଦର୍ଶନ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ଉତ୍କଳ ବାଳାଶ୍ରମ ସମେତ ବିଭିନ୍ନ ନିରାଶ୍ରୟ କେନ୍ଦ୍ରଗୁଡ଼ିକରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏହି ଆଶ୍ରମଗୁଡ଼ିକର ଅନ୍ତେବାସୀଙ୍କ ଖାଦ୍ୟପେୟ ଏବଂ ଜୀବନଶୈଳୀରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

***Desk***

## ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନତା ସୃଷ୍ଟି କରିବା ଲାଗି ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ଏହାକୁ ମନେ ରଖିବା ପାଇଁ ଏହି ଦିବସ ପାଳନର ଅନ୍ୟ ଏକ ମୂଳ ଲକ୍ଷ୍ୟ । ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ଗବେଷଣା, ବନ୍ୟା, ବାତ୍ୟା, ଭୂମିକମ୍ପ

ଏବଂ ବାୟୁମଣ୍ଡଳରେ ହେଉଥିବା ପରିବର୍ତ୍ତନ ଆଦି ବିଷୟଗୁଡ଼ିକ ଉପରେ ବିଶ୍ୱ ପାଣିପାଗ ସଂଗଠନ ନିରନ୍ତର ଭାବେ ଗବେଷଣା ଜାରି ରଖିଛି । ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି ।

*****